# Akashvani, Sambalpur

## SAMBALPURI NEWS EVENING BULLETIN

## 14 March 2026-7.02- 7.12 pm.

---

୧- ରାଜ୍ୟସଭା ନିର୍ବାଚନ୍ ଲାଗି ବିଧାନ୍‌ସଭା ପରିସର୍ ନ ହେଲା ମକ୍ ପୋଲିଂ ।

୨- ଓଡ଼ିଶା ହାଇକୋର୍ଟ ସହେତେ ରାଜ୍ୟର୍ ଭିନ୍ ଭିନ୍ ଅଦାଲତ୍ ନ ହେଲା ବଛରର୍ ପହେଲା ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍ ।

୩- ଦେଶେ ଭର୍‌ପୁର୍ ମାତ୍ରାଥି ରନ୍ଧା ଗେସ୍, ପେଟ୍ରୋଲ୍ ଆଉ ଡିଜେଲ୍ ମହଜୁଦ୍ ଅଛେ- ପେଟ୍ରୋଲିୟମ୍ ମନ୍ତ୍ରଣାଳୟର୍ ସୂଚ୍‌ନା ।

୪- ଗଣିତ ଆଉ ଆଶା ବିଷୟବସ୍ତୁକେ ନେଇକରି ଆଏଜ୍ ପାଲନ୍ ହେଉଛେ ଅନ୍ତର୍ଜାତୀୟ ଗଣିତ ଦିବସ ।

ଆଉର୍

୫- ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ କ୍ୱାଲିଫାୟର୍ସ -୨୦୨୬ ର ଫାଇନାଲ୍‌ଥି ଆଉ କିଛି ସମିଆ ଉତ୍‌ରୁ ଇଂଲଣ୍ଡକେ ଭେଟ୍‌ବା ଭାରତୀୟ ମହିଳା ହକି ଦଲ୍ ।

ରାଜ୍ୟସଭା ନିର୍ବାଚନ୍- ମକ୍ ପୋଲିଂ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟସଭା ନିର୍ବାଚନ୍ ଲାଗି ବିଧାନ୍‌ସଭା ସଚିବାଳୟ ପରିସର୍ ନ ଆଏଜ୍ ମକ୍ ପୋଲିଂ ହେଇଯାଇଛେ । ପହେଲା ବିରୋଧୀ ଦଲ୍ ବିଜେଡ଼ିର୍ ବିଧାୟକ୍‌ମାନେ ମକ୍ ପୋଲିଂଥି ଭାଗ୍ ନେଇକରି ରାଜ୍ୟସଭା ମତଦାନ୍ ପ୍ରକ୍ରିୟା ବାବ୍‌ଦେ ଅବଗତ ହେଇଥିଲେ । ସଞ୍ଜ୍‌ବେଲେ ଶାସକ ଦଲର୍ ବିଧାୟକ୍‌ମାନେ ମକ୍ ପୋଲିଂଥି ଭାଗ୍ ନେଇଥିଲେ । ନିର୍ବାଚନ୍ ପ୍ରକ୍ରିୟାଥି ନିଯୁକ୍ତ ଅଧିକାରୀମାନେ ବିଧାୟକ୍‌ମାନ୍‌କୁ ଭୋଟ୍ ଦେବାର୍ ବାବ୍‌ଦେ ତାଲିମ୍ ଦେଇଛନ୍ । ସୂଚ୍‌ନା ଅନ୍‌ସାରେ ରାଜ୍ୟସଭା ନିର୍ବାଚନ୍ ଲାଗି ଆଏବା ସୋମ୍‌ବାର୍ ଦିନ ସଖାଲର୍ ୯ ବଜେନୁ ଉପର୍‌ବେଲା ୪ ବଜେତକ୍ ମତଦାନ୍ ହେବା । ବିଧାନ୍‌ସଭାର୍ ଗୃହକାର୍ଯ୍ୟ ଚାଲ୍‌ବାର୍ ସଙ୍ଗେ ପରିସର୍ ନ ୫୪ ନମ୍ବର୍ ପ୍ରକୋଷ୍ଠ ନ ମତଦାନ୍ କରାଯିବା । ଓଡ଼ିଶା ନ ଖାଲିଥିବା ୪ ଟା ରାଜ୍ୟସଭା ଆସନ୍ ଲାଗି ୫ ଝନ୍ ପ୍ରାର୍ଥୀଙ୍କର୍ ପ୍ରାର୍ଥୀପତ୍ର କାଏମ୍ ରହିଛେ । ବିଜେପି ପ୍ରାର୍ଥୀ ମନ୍‌ମୋହନ୍ ସାମଲ୍, ସୁଜିତ୍ କୁମାର୍, ବିଜେଡ଼ି ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର, ବିଜେପି ସମର୍ଥିତ ସ୍ୱାଧୀନ୍ ପ୍ରାର୍ଥୀ ଦିଲ୍ଲୀପ ରାୟ ଆଉ କଂଗ୍ରେସ୍-

ବିଜେଡ଼ିର୍ ମିଳିତ ପ୍ରାର୍ଥୀ ଦତେଶ୍ୱର୍ ହୋତା ପ୍ରାର୍ଥୀପତ୍ର ଦାଖଲ୍ କରିଛନ୍ ।

ବିଜେପି ବୈଠକ୍ ଏକ୍ସ

ଭୁବ୍‌ନେଶ୍ୱର୍ ବିଜେପି କାର୍ଯ୍ୟାଳୟ ପରିସର୍ ନ ଆଏଜ୍ ସଞ୍ଜ୍‌ବେଲା ଦଲର୍ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ବସିଛେ । ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ବିଜେପି ରାଜ୍ୟସଭା ନିର୍ବାଚନ୍ ପର୍ଯ୍ୟବେକ୍ଷକ୍ ଚନ୍ଦ୍ରଶେଖର୍ ବାଓ୍ୱନ୍ କୁଲେ, ଦଲର୍ ରାଜ୍ୟ ସଭାପତି ମନ୍‌ମୋହନ୍ ସାମଲ୍, ମନ୍ତ୍ରୀ ପରିଷଦ୍‌ର ସଦସ୍ୟ, ସାଂସଦ୍ ଆଉ ବିଧାୟକ୍‌ମାନେ ଯୋଗ୍ ଦେଇଛନ୍ । ଇ ଅବ୍‌ସରେ ରାଜ୍ୟସଭା ନିର୍ବାଚନ୍, ଭୋଟର୍ ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍‌ଆଇଆର୍ ସହେତେ ଭିନ୍ ଭିନ୍ ବିଷେଥି ଆଲୋଚନା କରାଯାଉଥିବାର୍ ଜନାପଡ଼ିଛେ ।

ରାଷ୍ଟ୍ରୀୟ ଲୋକ୍‌ଅଦାଲତ କଟକ୍ ସମ୍ବାଦଦାତା

ଓଡ଼ିଶା ହାଇକୋର୍ଟ ତର୍ଫୁ ହାଇକୋର୍ଟ ସହେତେ ରାଜ୍ୟର୍ ୧୩ ଟା ଜିଲ୍ଲା ଆଉ ତାଲୁକ୍ ସ୍ତରୀୟ ଅଦାଲତ୍ମାନ୍କେ ଆଏଜ୍ ବଛ୍ରର୍ ପହେଲା ରାଷ୍ଟ୍ରୀୟ ଲୋକ୍ଅଦାଲତ୍ ହେଇଯାଇଛେ । ଲୋକ୍ଅଦାଲତ୍ ନ ହର୍ ରକ୍ମର୍ ପ୍ରାକ୍ ଆଉ ବିଚାରାଧୀନ୍ ମାମ୍ଲାମାନ୍କର୍ ଆପୋଷ୍ ସହମତିଥି ସମାଧାନ୍ କରାଯାଉଛେ । ବାଣିଜ୍ୟ ଆଉ ପରିବହନ୍ ବିଭାଗ୍ର ସୂଚ୍ନା ଅନ୍ସାରେ ୨୦୨୫ ଜୁଲାଇ ମାସ୍ ଆଘୋନୁ ଜାରି ହେଇଥିବା ପୁର୍ନା ଗାଡ଼ି ଚାଲାଣ୍ ବାବ୍ଦେ ଏକାସାଙ୍ଗେ ଜରିମାନା ଟଙ୍କା ଜମା କଲେ ୫୦ ପ୍ରତିଶତ୍ ତକ୍ ରିହାତି ଦେବାର୍କେ ଅଦାଲତ୍ ନ ବିଚାର୍ କରାଯାଇଛେ । ଇଥିର୍ଲାଗି ରାଜ୍ୟ ପରିବହନ ଆୟୁକ୍ତଙ୍କର୍ ତର୍ଫୁ ଭିନ୍ ଭିନ୍ ଜିଲ୍ଲା ନ ସ୍ୱତନ୍ତ୍ର ସହାୟତା କେନ୍ଦ୍ର ଥାପ୍ନା କରାଯାଇଛେ । ଲୁକେ www.echallan.parivahan. gov.in ପୋର୍ଟାଲ୍ଥି ଚାଲାନ୍ ଟଙ୍କା ଜମା କରିପାର୍ବେ ବଲି ବିଭାଗ୍ ତର୍ଫୁ କୁହାଯାଇଛେ ।

ଇତାର୍ଛଡ଼ା ଓଡ଼ିଶା ରାଜ୍ୟ ଆଇନ୍ସେବା ପ୍ରାଧିକରଣ ତର୍ଫୁ ଭିଲ୍ ରାଜ୍ୟର୍ ଭିନ୍ ଭିନ୍ ଅଦାଲତ୍ ନ ଲୋକ୍ ଅଦାଲତ୍ ମାନ୍

ଆୟୋଜନ୍ କରାଯାଇକରି ଭିନ୍ ଭିନ୍ ମାମ୍‌ଲାର୍ ଆପୋଷ୍ ସମାଧାନ୍ କରାଯାଇଛେ ।

ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍- ସମ୍ବଲ୍‌ପୁର୍    ସମ୍ବଲପୁର / କଲାହାଣ୍ଡି

ସମ୍ବଲ୍‌ପୁର୍ ଜିଲ୍ଲାର୍ ଭିନ୍ ଭିନ୍ କୋର୍ଟ ନ ଆଏଜ୍ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ହେଇଯାଇଛେ । ଇ ଅବ୍‌ସରେ ୧୫ ଟା ମୋଟର୍ ଗାଡ଼ି ଦୁର୍ଘଟଣା ମାମ୍‌ଲା, ୮ ଟା ପରିବାର୍ ବିବାଦ୍, ୨୪ ଟା ଦେଓ୍ୱାନୀ ମାମ୍‌ଲା, ୫ ଶହ ୮୪ ଟା ଫୌଜଦାରୀ, ୫ ହଜାର୍ ୨ ଶହ ୬୪ ଟା ରାଜସ୍ୱ, ଶହେ ୭ ଟା ପରିବହନ୍ ବିଭାଗ୍‌ର ମାମ୍‌ଲାର୍ ବିଚାର୍ କରାଯାଇକରି ସମାଧାନ୍ କରାଯାଇଥିଲା ।

କଲାହାଣ୍ଡି ଜିଲ୍ଲା ଅଦାଲତ୍ ମାନ୍‌କେ ଭିଲ୍ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ହେଇଯାଇଛେ । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍‌ର ସଚିବ ସ୍ନିଗ୍ଧା ପଣ୍ଡାଙ୍କର୍ ଦେଖ୍‌ରେଖ୍‌ଥି ହେଇଥିବା ଲୋକଅଦାଲତ୍ ମାନ୍‌କୁ ୧ ହଜାର୍ ୮ ଶହ ୩୪ ଟା ମାମ୍‌ଲାର୍ ଫଏସଲା କରାଯାଇକରି କ୍ଷତିପୂରଣ୍ ବାବଦ୍ ଟଙ୍କା ଆଦାୟ କରାଯାଇଥିଲା ।

ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍‌-୧ ବର୍‌ଗଡ଼୍‌/ବୌଦ୍ଧ ସମ୍ବାଦଦାତା

ବର୍‌ଗଡ଼୍‌ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍‌ ତର୍‌ଫୁ ସହରର୍‌ ସିଭିଲ୍‌ କୋର୍ଟ ପରିସର୍‌ ନ ରାଷ୍ଟ୍ରୀୟ ଲୋକ୍‌ ଅଦାଲତ୍‌ ହେଇଯାଇଛେ । ଜିଲ୍ଲା ଆଉ ଦୌରା ଜଜ୍‌ ଆଉ ଆଇନ୍‌ସେବା ପ୍ରାଧିକରଣ୍‌ର ଅଧ୍ୟକ୍ଷ ଅନୁପ୍‌ କୁମାର୍‌ ଚନ୍ଦନ୍‌ଙ୍କର୍‌ ଦେଖ୍‌ରେଖ୍‌ଥି ହେଇଥିବା ଲୋକଅଦାଲତ୍‌ଥି ଭିନ୍‌ ଭିନ୍‌ ବେଞ୍ଚ୍‌ନୁ ୩ ହଜାର୍‌ ୫ ଶହ ୩୦ ଟା, ଅଦାଲତ୍‌ ମାନ୍‌କର୍‌ ଠାନୁ ୯ ଶହ ୨୪ ଟା ଆଉ ଜିଲ୍ଲାପାଲ୍‌ଙ୍କର୍‌ କାର୍ଯ୍ୟାଳୟ ନୁ ୮ ହଜାର୍‌ ୨ ଶହ ଟା ବିଚାରାଧୀନ୍‌ ମକଦ୍ଦମା ଆସିଥିଲା । ସେଥିର୍‌ ଭିତ୍‌ରେ ୩ ଶହ ୧୯ଟା ପ୍ରାକ୍‌ ମକଦ୍ଦମା ୨ ଶହ ୧୯ ଟା ବିଚାରାଧୀନ୍‌ ମକଦ୍ଦମା ଆଉ ୬ ହଜାର୍‌ ୩ ଶହ ୮୯ ଟା ରାଜସ୍ୱ ବିଚାରାଧୀନ୍‌ ମକଦ୍ଦମାର୍‌ ଆପୋଷ ସମାଧାନ୍‌ କରାଯାଇଛେ ।

ବୌଦ୍ଧ ଜିଲ୍ଲା ନ୍ୟାୟାଳୟ ପରିସର୍‌ ନ ହେଇଥିବା ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍‌ଥି ଜିଲ୍ଲା ଦୌରା ଜଜ୍‌ ଆଉ ପ୍ରାଧିକରଣ୍‌ ଅଧ୍ୟକ୍ଷ ପ୍ରତାପ୍‌ କୁମାର୍‌ ପାତ୍ର ଅଧ୍ୟକ୍ଷତା କରିଥିଲେ । ଇ ଅବ୍‌ସରେ ୮ ଶହ

୪୧ ଟା ବିଚାରାଧୀନ୍, ଶହେ ୪୩ ଟା ବେଙ୍କ୍ ବାବଦ୍ ମାମ୍ଲାର୍ ଫଇସଲା କରାଯାଇକରି ପାଖାପାଖି ୬୦ ଲାଖ୍ ଟଙ୍କା ଆଦାୟ କରାଯାଇଥିଲା । ଜିଲ୍ଲାର୍ ହର୍ଭଙ୍ଗା ଆଉ କଂଟାମାଲ୍ କୋର୍ଟ ପରିସର୍ ନ ଭିଲ୍ ରାଷ୍ଟ୍ରୀୟ ଲୋକଅଦାଲତ୍ ହେଇଯାଇଛେ ।

ରନ୍ଧା ଗେସ୍ ସମସ୍ୟା ଏନ୍ଏସ୍ଡ଼ି

ଦେଶେ ଭର୍ପୁର୍ ମାତ୍ରାଥି ରନ୍ଧା ଗେସ୍, ପେଟ୍ରୋଲ୍ ଆଉ ଡିଜେଲ୍ ମହଜୁଦ୍ ଅଛେ । କେନ୍ସି ଜାଗା ନ ଷ୍ଟକ୍ ଶେଷ୍ ନାଇଁ ହେଇ । ଭୂ-ରାଜନୈତିକ୍ ଥିତି ଲାଗି ଇ ଦିଗେ କିଛିଟା ସମସ୍ୟା ଦେଖାଦେଇଛେ । ଏଛ୍ନିର୍ ଥିତିକେ ନେଇକରି ଲୁକେ ଡରିକରି ଅଏତ୍କା ଗେସ୍ ବୁକିଂ କରୁଛନ୍ ବଲି କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରଣାଲୟ ତର୍ଫୁ ସୂଚ୍ନା ଦିଆଯାଇଛେ । ନୂଆଦିଲ୍ଲୀ ନ ଆଏଜ୍ ଇ ବାବ୍ଦେ ଗଣମାଧ୍ୟମ୍କେ ସୂଚ୍ନା ଦେଇକରି ବିଭାଗ୍ର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍, ଗଲାକାଏଲ୍ ୭୫ ନୁ ୭୬ ଲାଖ୍ ରନ୍ଧା ଗେସ୍ ବୁକିଂ ହେଇଥିଲା । ଆଏଜ୍ ପାଖାପାଖି ୮୮ ଲାଖ୍

ଗେସ୍ ବୁକିଂ ହେଇଛେ । ଲୁକେ ଡରିକରି ଅଯଥା ଗେସ୍ ବୁକିଂ କରୁଛନ୍ । ଖାଉଟି ମାନ୍‌କର୍ ଲାଗି କିଛି ସମସ୍ୟା ନାଇଁନ । ଖାଉଟି, ଡାକ୍ତର୍‌ଖାନା, ଶିକ୍ଷାନୁଷ୍ଠାନ୍ ସହେତେ ଭିନ୍ ଭିନ୍ ଜରୁରୀ ସେବା କ୍ଷେତ୍ରକେ ନିରବଚ୍ଛିନ୍ନ ଭାବେ ରନ୍ଧା ଗେସ୍ ଯୁଗେଇ ଦିଆଯିବା । ବ୍ୟବସାୟିକ ଗେସ୍ ସମସ୍ୟା ଦୂର୍ କର୍‌ବାର୍ ଲାଗି ପିଏନ୍‌ଜି କେ ପ୍ରୋତ୍ସାହନ୍ ଦିଆଯାଉଛେ ବଲି ଶ୍ରୀମତୀ ଶର୍ମା କହିଛନ୍ ।

ସେଆଡ଼େ ୨ ଟା ଭାରତୀୟ ଜାହାଜ୍‌ଥି ୯୨ ହଜାର୍ ଟନ୍ ଏଲ୍‌ପିଜି ଗେସ୍ ଭାରତ୍ ଅନାଯାଉଛେ ବଲି ଜାହାଜ୍ ଚଲାଚଲ୍ ମନ୍ତ୍ରଣାଲୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆଏବା ସୋମ୍‌ବାର୍ ନୁ ମଙ୍ଗଲ୍‌ବାର୍ ଭିତ୍‌ରେ ଇ ଦୁହି ଜାହାଜ୍ ମୁନ୍ଦ୍ରା ଆଉ କାଣ୍ଡଲା ବନ୍ଦର୍‌କେ ପୁହୁଁଚିବା ବଲି ଜନାପଡ଼ିଛେ ।

ଅନ୍ତର୍ଜାତୀୟ ଗଣିତ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଗଣିତ ଆଉ ଆଶା ବିଷୟବସ୍ତୁକେ ନେଇକରି ଆଏଜ୍ ପାଲନ୍ କରାଯାଉଛେ ଅନ୍ତର୍ଜାତୀୟ ଗଣିତ ଦିବସ । ଇ ଅବ୍‌ସରେ ଜଲ୍‌ବାୟୁ ପରିବର୍ତ୍ତନ୍, କୃତ୍ରିମ ବୁଦ୍ଧିମତା ବାଗିର୍ ବିଶ୍ୱସ୍ତରର୍ ଆହ୍ୱାନ୍ ମାନ୍‌କର୍ ସମାଧାନ୍ ଦିଗେ ଗଣିତର୍ ଭୂମିକା ବାବ୍‌ଦେ

ଇ ଅବ୍‌ସରେ ଲୁକ୍‌କୁ ସଚେତନ୍ କରାଯାଉଛେ । ଇତାକେ ‘ପାଏ’ ଦିବସ୍ ବଲି ଭିଲ୍ କୁହାଯାଏସି । ଗଣିତର୍ ଗୁରୁତ୍ୱପୂର୍ଣ୍ଣ ସଂଖ୍ୟା- ‘ପାଏ’ର ମୂଲ୍ୟ ପାଖାପାଖି ୩ ଦଶ୍‌ମିକ୍ ୧/୪ ହେଇଥିବାର୍‌ନୁ ବଛ୍‌ରର୍ ୩ ମାସର୍ ୧୪ ତାରିଖ୍‌କେ ଇ ଦିବସ୍ ଭାବେ ବଛାଯାଇଛେ । ୨୦୧୯ ମସିହାନୁ ମିଲିତ ଜାତିସଂଘ ତର୍‌ଫୁ ଅନ୍ତର୍ଜାତୀୟ ଗଣିତ ଦିବସ୍ ପାଲନ୍ କରାଯାଇଆସୁଛେ । ସାରାରାଏଜେ ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍, ସଂଗ୍ରହାଲୟ ଆଉ ପାଠାଗାର୍‌ମାନ୍‌କେ ଗଣିତ ଦିବସ୍ ପାଲନ୍ କରାଯାଉଛେ ।

## ସୁଭଦ୍ରା ଶକ୍ତି ମେଳା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ପ୍ରଶାସନ୍ ଆଉ ମିଶନ୍ ଶକ୍ତି ବିଭାଗ୍ ତର୍‌ଫୁ ଚାଲିଥିବା ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଆଏଜ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ସମାରୋହଥି ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର୍ କାମ୍ ମାନ୍‌କର୍ ପ୍ରଶଂସା କରିଥିଲେ । ମେଳାଥି ଶହେ ୨୦ ଟା ଷ୍ଟଲ୍ ଖୁଲାଯାଇଥିଲା ।

ଇ ଅବ୍‌ସରେ ଲକ୍ଷପତି ଦିଦି ଆଉ ସ୍ୱୟଂ ସହାୟକ ଗୋଷ୍ଠୀମାନ୍‌କର୍ ଲାଗି ଭିନ୍ ଭିନ୍ ଡେମୋ ଷ୍ଟଲ୍ ରଖାଯାଇଥିଲା ।

ଡିଗ୍ରୀ କଲେଜ୍- ସେମିନାର୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଡିଗ୍ରୀ ଆଦର୍ଶ ମହାବିଦ୍ୟାଳୟ ନ ଅଧାନୁ ପାଠ୍‌ପଢ଼ା ଛାଡୁଥିବା ଛାତ୍ରଛାତ୍ରୀମାନ୍‌କୁ ସ୍କୁଲ୍ ଫିରେଇ ଆନ୍‌ବାର୍ ଲାଗି ଗୁଟେ ଜାତୀୟସ୍ତରୀୟ ଆଲୋଚନାଚକ୍ର ହେଇଯାଇଛେ । ମହାବିଦ୍ୟାଳୟର୍ ଅଧ୍ୟକ୍ଷ ଡକ୍ଟର୍ ଅକ୍ଷୟ କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ଆଲୋଚନାଚକ୍ରଥି ଅତିଥି ମାନେ ଅଧାନୁ ପାଠ୍‌ପଢ଼ା ଛାଡ଼ିଥିବା ଛାତ୍ରଛାତ୍ରୀମାନ୍‌କର୍ ଜୀବନ୍‌ଥି ସୁଧାର୍ ଆନ୍‌ବାର୍ ସହେତେ ସେମାନ୍‌କର୍ ମନୋବଳ ବଢ଼ାବାର୍ ଲାଗି ଭିନ୍ ଭିନ୍ ବିଷେଥି ଆଲୋଚନା କରିଥିଲେ ।

ସ୍ୱତନ୍ତ୍ର ସଫେଇ ଅଭିଯାନ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ପ୍ରଶାସନ୍ ତର୍ଫୁ ମୁଲ୍ ହେଇଥିବା ସ୍ୱତନ୍ତ୍ର ସଫେଇ ଅଭିଯାନ୍‌ଥି ଆଏଜ୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ସଫେଇ କରାୟାଇଛେ । ଜିଲ୍ଲାର୍ ଖଡ଼ିଆଲ୍ ଏନ୍‌ଏସି ସମଲେଶ୍ୱରୀ ମନ୍ଦିର ଠାନୁ ୩ ଶହ ୫୩ ନମ୍ବର୍ ଜାତୀୟ ରାଜପଥ ଆଉ ଆମ୍ବେଦକର ଛକ ନ ସଫେଇ କରାୟାଇଥିଲା ।

ସେନ୍ତା ଜିଲ୍ଲାର୍ ସିନାପାଲି ତହସିଲ୍ କାର୍ଯ୍ୟାଳୟ ପରିସର୍ ନ ଭିଲ୍ ଅଧିକାରୀ ଆଉ କର୍ମଚାରୀମାନେ ଯୋଗ୍ ଦେଇକରି ସଫେଇ କରିଥିଲେ ।

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର     ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ୍ ତର୍ଫୁ ରିଆମାଲ୍ ବ୍ଲକ୍ କଲ୍ୟାଣ୍ ମଣ୍ଡପ୍ ନ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର୍ ହେଇୟାଇଛେ । ଇ ଅବ୍‌ସରେ ଭିନ୍ନକ୍ଷମ ମାନ୍‌କର୍ ସ୍ୱାସ୍ଥ୍ୟର୍ ୟାଂଚ୍ କରାୟିବାର୍ ସହେତେ ୩୪ ଝନ୍‌କୁ ଭିନ୍ ଭିନ୍ ସାହାଜ୍ ଉପକରଣ୍ ବଂଟାୟାଇଛେ । ସେଥିର୍ ଭିତ୍‌ରେ ୬ ଟା ହ୍ୱିଲ୍ ଚେୟାର୍, ୫ ଟା ଆଶା ବାଡ଼ି, ୪ ଟା ସି.ପି. ଚେୟାର୍, ୨ ଟା ଟ୍ରାଇ ସାଇକେଲ୍, ୩ ଟା ଓ୍ୱାକିଂ ଷ୍ଟିକ୍ ଆଉ ୧୩ ଟା ଶ୍ରବଣ

ଯନ୍ତ୍ର ବଂଟାଯାଇଛେ । କାର୍ଯ୍ୟକ୍ରମ୍‌ଥି ରିଆମାଲ୍ ବ୍ଲକ୍ ଅଧ୍ୟକ୍ଷ ମଧୂସୂଦନ୍ ଦାସ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ହକି ବିଶ୍ୱକପ୍ କ୍ୱାଲିଫାୟର୍ସ ଆଇ.ଆଣ୍ଡ୍.ପି.ଆର୍

ଭାରତୀୟ ମହିଳା ହକି ଦଲ୍ - ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ କ୍ୱାଲିଫାୟର୍ସ -୨୦୨୬ ର ଫାଇନାଲ୍‌ଥି ଆଏଜ୍ ଇଂଲଣ୍ଡକେ ଭେଟ୍‌ବା । ଆଉ କିଛି ସମିଆ ଉତ୍‌ରୁ ତେଲେଙ୍ଗାନା ଜିଏମ୍‌ସି ବାଲାଯୋଗୀ ହକି ପଡ଼ିଆ ନ ଖେଲ୍ ମୁଲ୍ ହେବା । ଦୁହି ଦଲ୍ ଏବ୍‌ତକ୍ ଗୁଟେ ଭିଲ୍ ମେଚ୍ ନାଇଁ ହାରି । ଅଧିନାୟକ ସାଲ୍‌ମା ଟେଟେ ଙ୍କର୍ ନେତୃତ୍ୱଥି ଭାରତୀୟ ଦଲ୍ ଗଲାକାଏଲ୍ ସେମିଫାଇନାଲ୍ ମେଚ୍‌ଥି ଇଟାଲିକେ ୧/ଶୂନ୍ ଗୋଲ୍‌ଥି ହରେଇଛେ । ୨୦୧୮, ୨୦୨୨ ଆଉ ଇ ବଛର୍‌କେ ମିଶେଇକରି ଭାରତୀୟ ମହିଳା ହକି ଦଲ୍ ୩ ଥର୍ ହକି ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ୍ କରିଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମହିଳା ହକି ଦଲର୍ ପ୍ରଦର୍ଶନ୍‌କେ ପ୍ରଶଂସା କର୍‌ବାର୍ ସହେତେ ଇଟା ଗୁଟେ ଗର୍ବର୍ ମୁହୁର୍ତ ଆଏ

ବଲି କହିଛନ୍ । ଫାଇନାଲ୍ ମେଚ୍ ଲାଗି ମୁଖ୍ୟମନ୍ତ୍ରୀ ଦଲ୍‌କେ ଶୁଭେଚ୍ଛା ଜନେଇଛନ୍ ।

ଇଗ୍ନୋ ନାଁଲେଖା ସମିଆ ବଢ଼୍‌ଲା ଆର୍‌ଏନ୍‌ୟୁ/ କଟକ

ଚଲ୍‌ତି ଶିକ୍ଷାବଛର୍‌ଥି ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ-ଇଗ୍ନୋ ପାଠ୍ୟକ୍ରମଥି ନାଁ ଲେଖାବାର ସମିଆ ଆଏବା କାଏଲ ଶେଷ୍ ହେଉଛେ । ଇଚ୍ଛୁକ୍ ଛାତ୍ରଛାତ୍ରୀମାନେ ଭିନ୍ ଭିନ୍ ପାଠ୍ୟକ୍ରମ୍‌ଥି ନାଁ ଲେଖାବାର୍ ଲାଗି ଇଗ୍ନୋର୍ ୱେବ୍‌ସାଇଟ୍ www.ignou.ac.in ଥି ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନା ପାଇପାର୍‌ବେ ।

ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ହି.ସ.

ବଲାଙ୍ଗିର୍ ସର୍‌କାରୀ ମହିଲା ମହାବିଦ୍ୟାଳୟ ପରିସର୍ ନ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ମହାବିଦ୍ୟାଳୟର୍ ଅଧ୍ୟକ୍ଷ ଡକ୍ଟର୍ ଅରବିନ୍ଦ କୁମାର୍ ଓଝାଙ୍କର୍

ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ଜାରି କରାଯାଇଥିବା ୨ ଟା ଭିଡ଼ିଓ ଛାତ୍ରଛାତ୍ରୀମାନ୍‌କୁ ସଚେତନ୍ କର୍‌ବାର୍ ଲାଗି ପ୍ରଦର୍ଶନ୍ କରାଯାଇଥିଲା । ଇ ଅବ୍‌ସରେ ମହାବିଦ୍ୟାଳୟର୍ ଅଧ୍ୟାପକ ଅଧ୍ୟାପିକା ଆଉ ଛାତ୍ରଛାତ୍ରୀମାନେ ଉପସ୍ଥିତ୍ ଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ସମୁଦ୍ରଖଁଡ଼ି ଆଉ ପଶ୍ଚିମ ଭାଗେ ଦିନର୍ ତାପମାତ୍ରା ଅଏତ୍‌କା ବଢ଼୍‌ବାର୍‌ଥି ଲାଗିଛେ । ଝାର୍‌ସୁଗୁଡ଼ା ଆଉ ସମ୍ବଲ୍‌ପୁର୍ ଜିଲ୍ଲା ନ ଗ୍ରୀଷ୍ମପ୍ରବାହ ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଆଏବା କାଏଲ୍ ସମୁଦ୍ରଖଁଡ଼ି ଇଲାକାମାନ୍‌କେ କାଲବୈଶାଖୀ ହେଇପାରେ । ରାଜ୍ୟର୍ ବଡ଼ଭାଗୀ ଜାଗା ନ ଆଏବା ୫ ଦିନ୍ ଭିତ୍‌ରେ ବିଜ୍‌ଲି ମାରିକରି ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।